ସମାଜ 10/04/2017
Every Monday & Friday
www.samajaepaper.com
ସମାଜ

# ଆର୍ଯ୍ୟନ ଇଞ୍ଜିନିୟରିଂ କଲେଜର ବାର୍ଷିକ ଉତ୍ସବ

ଭୁବନେଶ୍ୱର : ଆର୍ଯ୍ୟନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଅଷ୍ଟମ ବାର୍ଷିକ ଉତ୍ସବ 'ଆର୍ଯ୍ୟାଂଶ-୨୦୧୭' ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଇଣ୍ଡିଆନ ଏନର୍ଜି ଏକ୍ସଚେଞ୍ଜ ଭୁବନେଶ୍ୱରର ଆଡ଼ଭାଇଜର ଅଲେଖଚନ୍ଦ୍ର ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ପାରାଦ୍ୱୀପ ଫସ୍‌ଫେଟ ଲି.ର ପୂର୍ବତନ ଏଚ୍‌ଆର ଭାଇସ ପ୍ରେସିଡେଣ୍ଟ ଡଃ ଶୁଭେନ୍ଦୁ ଦାସ ଯୋଗଦେଇ ଅନୁଷ୍ଠାନ ତା'ର ଉଚ୍ଚ ଗୁଣବତ୍ତା ଦ୍ୱାରା ଅତି କମ୍ ସମୟରେ ନାକ୍ ଆକ୍ରିଡେସନ ସଫଳତା ହାସଲ କରିଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ । କଲେଜର ଚେୟାରପର୍ସନ ଡଃ ମଧୁମିତା ପରିଡ଼ା ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ ଓ ଅଧ୍ୟକ୍ଷ ପ୍ରଫେସର ଡଃ ସୁଧାଂଶୁ ଶେଖର ଖୁଣ୍ଟିଆ ଅତିଥି ପରିଚୟ ପ୍ରଦାନ କରିବା ସହ ବିବରଣୀ ପାଠ କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଉତ୍ସବରେ ପ୍ରଫେସର ସ୍ମରଣିକା ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଏବଂ ପ୍ରଫେସର ମୁରାରି ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

